# NATIONAL NEWS BULLETIN (ODIA)

## 15 April - 2025

## Evening Bulletin : 7.15 P.M.

***********************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସହଯୋଗ ତ୍ୱରାନ୍ୱିତ କରିବା ନିମନ୍ତେ ଡେନ୍‌ମାର୍କ ପ୍ରତିପକ୍ଷଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ଦୈନିକ ୧୦୦ କିଲୋମିଟର ହାରରେ ରାଜପଥ ନିର୍ମାଣ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରହିଛି, କହିଲେ କେନ୍ଦ୍ର ମନ୍ତ୍ରୀ ।
- ୨୦୩୦ ମସିହା ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୫୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିବା ନେଇ ସରକାରୀ ସୂଚନା ।
- ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ଅଧିକ ରହିବ ସୂଚନା ଦେଲଣ ଭାରତୀୟ ପାଣିପାଗ ବିଭାଗ ।

ଏବଂ

- ଆଉ କିଛି ସମୟ ପରେ ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍ ରାଇର୍ଡସ୍ ମଧ୍ୟରେ ଆରମ୍ଭ ହେବ ମ୍ୟାଚ୍ ।

## ପିଏମ୍-ଡେନ୍‌ମାର୍କ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେନ୍‌ମାର୍କର ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡ୍ରିକ୍‌ସେନ୍‌ଙ୍କ ସହ ଆଜି ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଛନ୍ତି । ଉଭୟ ନେତା ଭାରତ-ଡେନ୍‌ମାର୍କ ସବୁଜ ରଣନୀତି ଭାଗିଦାରୀତାକୁ ଦୃଢ଼ ସମର୍ଥନ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଉଭୟ ଦେଶର ଲୋକମାନଙ୍କ ସୁବିଧା ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସହଯୋଗ ତ୍ୱରାନ୍ୱିତ କରିବା ଲାଗି ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ସେ ଏବଂ ଡେନ୍‌ମାର୍କ ପ୍ରତିପକ୍ଷ ଦ୍ୱିପକ୍ଷିୟ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

## ଗଡ଼କରି-ଏଆଇଏମ୍‌ଏ

କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି ଦେଶରେ ଭିତ୍ତିଭୂମିର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ଆଜି ପ୍ରକାଶ କରିଛନ୍ତି । ଦୈନିକ ୧୦୦ କିଲୋମିଟର ହାରରେ ରାଜପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି । ନିଖିଳ ଭାରତ ପରିଚାଳନା ସଂଘ ଏ.ଆଇ.ଏମ୍.ଏ.ର ଦଶମ ଜାତୀୟ ନେତୃତ୍ୱ ସମ୍ମିଳନୀରେ

ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ଆସନ୍ତା ୧୮ ମାସ ମଧ୍ୟରେ ଦେଶର ସଡ଼କ ଭିତ୍ତିଭୂମି ଯୁକ୍ତରାଷ୍ଟ୍ର ଆମେରିକା ଠାରୁ ମଧ୍ୟ ଅଧିକ ରହିବ ।

**V/O-NITIN-GADKARI**

# ମାର୍ଚ୍ଚ ଡାଟା

ଚଳିତବର୍ଷ ମାର୍ଚ୍ଚମାସରେ ଦେଶର ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ୨ ଦଶମିକ ୫ ପ୍ରତିଶତକୁ ହ୍ରାସ ପାଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଚଳିତବର୍ଷ ଫେବୃୟାରୀ ମାସରେ ଏହି ମୁଦ୍ରାସ୍ଫୀତି ହାର ୨ ଦଶମିକ ୩/୮ ପ୍ରତିଶତ ରହିଥିଲା । ସାମଗ୍ରିକ ଭାବେ ବାର୍ଷିକ ମୁଦ୍ରାସ୍ଫୀତି ହାର ଗତମାସରେ ଶୂନ୍ ଦଶମିକ ୭/୬ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଫେବୃୟାରୀ ମାସରେ ୨ ଦଶମିକ ୮/୧ ପ୍ରତିଶତ ଥିଲା । ସେହିପରି ଖାଦ୍ୟ ସୂଚକାଙ୍କ ଆଧାରିତ ବାର୍ଷିକ ମୁଦ୍ରାସ୍ଫୀତି ହାର ଫେବୃୟାରୀର ୫ ଦଶମିକ ୯/୪ ପ୍ରତିଶତରୁ ୪ ଦଶମିକ ୬/୬ ପ୍ରତିଶତକୁ ହ୍ରାସ ପାଇଛି ।

ଅନ୍ୟପକ୍ଷରେ ଇନ୍ଧନ ଓ ଶକ୍ତି ବର୍ଗରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୩ ଦଶମିକ ୭ ପ୍ରତିଶତରେ ପହଞ୍ଚିଛି । ପୂର୍ବ ମାସରେ ଏହା ୨ ଦଶମିକ ୮/୬ ପ୍ରତିଶତ ରହିଥିଲା ।

## ଇଡି-ଖଚରିଆୱାସ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ପ୍ରତାପ ସିଂ ଖଚରିୟାୱାସ୍‌ଙ୍କ ବାସଭବନ ସମେତ ୧୫ରୁ ଅଧିକ ସ୍ଥାନରେ ଚଢ଼ାଉ ଜାରି ରଖିଛି । ମେସର୍ସ ପି.ଏ.ସି.ଏଲ୍. ସହ ଜଡ଼ିତ ୪୮ ହଜାର କୋଟି ଟଙ୍କାର ଠକେଇ ସଂପର୍କିତ ତଦନ୍ତର ଅଂଶ ବିଶେଷ ଭାବରେ ଏହି ଚଢ଼ାଉ କରାଯାଉଛି ।

ସୂଚନା ଅନୁଯାୟୀ ସ୍ୱର୍ଗତ ନିର୍ମଳ ସିଂ ଭଙ୍ଗୁଙ୍କ  କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥାକୁ ବେଆଇନ୍ ଭାବେ ସମ୍ପତ୍ତି ପ୍ରଦାନ ମାମଲାରେ ପ୍ରତାପ ସିଂଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି ।

ଅନ୍ୟପକ୍ଷରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ପ୍ରତାପ ସିଂ କହିଛନ୍ତି, ସେ କିଛି ଭୁଲ୍ କରି ନାହାନ୍ତି । ଆଜି ସକାଳେ ଇଡି କର୍ମଚାରୀମାନେ ପ୍ରତାପ ସିଂଙ୍କ ଜୟପୁରସ୍ଥିତ ବାସଭବନରେ ପହଞ୍ଚିବା

ପରେ ତାଙ୍କ ସମର୍ଥକମାନେ ଏକତ୍ରିତ ହୋଇଥିଲେ ଓ ସ୍ଲୋଗାନ ଦେଇଥିଲେ ।

## ଦିଲ୍ଲୀ ସିଏମ୍ ସ୍କୁଲ୍ ଫି

ଦିଲ୍ଲୀ ସରକାର ରାଜଧାନୀ ଅଞ୍ଚଳରେ ଥିବା ସମସ୍ତ ସ୍କୁଲ୍ ଗୁଡ଼ିକୁ ଫି ବୃଦ୍ଧି ନିୟନ୍ତ୍ରଣ କରିବା ଲାଗି ନୋଟିସ୍ ଜାରି କରିଛନ୍ତି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି କହିଛନ୍ତି, ଅଭିଭାବକ କିମ୍ବା ଛାତ୍ରଛାତ୍ରୀଙ୍କୁ ହଇରାଣ କରିବାର କୌଣସି ସ୍କୁଲ୍‌ର ଅଧିକାର ନାହିଁ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟର ଫି ବୃଦ୍ଧି ପୂର୍ବରୁ ରହିଥିବା ନିୟମ ଅନୁଯାୟୀ ହେବା ଉଚିତ୍ । କୌଣସି ବିଦ୍ୟାଳୟ ଆଇନ୍‌ର ଉଲ୍ଲଘଂନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତୀ ଗୁପ୍ତା କହିଛନ୍ତି ।

## ଇଣ୍ଡିଆ-ୟୁଏସ୍ ଟ୍ରେଡ୍

ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୨୦୩୦ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଉଭୟ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟିକ

କାରବାର ମଧ୍ୟ ତ୍ୱରାନ୍ୱିତ ହେବାର ସମ୍ଭାବନା ରହିଛି ବୋଲି ବାଣିଜ୍ୟ ଓ ଶିଳ୍ପ ସଚିବ ସୁନୀଲ ବର୍ଥୱାଲ୍ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ଚଳିତ ଆର୍ଥିକ ବ୍ୟବସ୍ଥା ପାଇଁ ଉଭୟ ରାଷ୍ଟ୍ର ସତର୍କ ଅଛନ୍ତି । ବାଣିଜ୍ୟ କାରବାର ଅଭିବୃଦ୍ଧି ହେଲେ ଭାରତ ପାଇଁ ଅନେକ ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଭାରତ ବାଣିଜ୍ୟ ଉଦାରିକରଣ ଦିଗରେ ଅଗ୍ରସର ହେଉଛି ଏବଂ ଯୁକ୍ତରାଷ୍ଟ୍ର ଆମେରକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣା କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ଏହାଦ୍ୱାରା ଉଭୟ ରାଷ୍ଟ୍ର ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଶ୍ରୀ ବର୍ଥୱାଲ୍ କହିଛନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣା ପାଇଁ ଉଭୟ ରାଷ୍ଟ୍ର ଆଗେଇ ଆସିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ସେ କହିଛନ୍ତି ।

## ୟୁଏସ୍-ଇରାନ୍ ଟକ୍ସ

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆସନ୍ତା ଶନିବାର ଦିନ ରୋମ୍ ଠାରେ ଅନୁଷ୍ଠିତ ହେବାର ଆଶା କରାଯାଉଛି । ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଲୋଚନାକାରୀ ପକ୍ଷ ଏବଂ ମଧ୍ୟସ୍ଥୀ ଭାବରେ କାର୍ଯ୍ୟ କରୁଥିବା ଓମାନ୍‌ର

ଅନୁରୋଧ ପରେ ରୋମ୍ ଏହି ବୈଠକ ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଛି । ଜାପାନ ଗସ୍ତ ଅବସରରେ ତାଜାନି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପରମାଣୁ ସମସ୍ୟାର ସମାଧାନ ଏବଂ ଶାନ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ନିଆଯିବାକୁ ଥିବା ପଦକ୍ଷେପକୁ ଇଟାଲୀ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ।

ତେବେ ଇରାନ୍ କିମ୍ବା ଆମେରିକା ପକ୍ଷରୁ ଏ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ଗତ ୧୨ ତାରିଖରେ ଓମାନରେ ଆମେରିକା ଓ ଇରାନ ଅଧିକାରୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପରୋକ୍ଷ ଆଲୋଚନା ହୋଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ସକାରାତ୍ମକ ଏବଂ ଗଠନ ମୂଳକ ଆଲୋଚନା ହୋଇଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା ।

## ପାକ୍-ଏକ୍ସପ୍ଲୋଜନ୍

ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବାଲୁଚିସ୍ତାନ ଅଞ୍ଚଳରେ ଆଜି ବୋମା ବିସ୍ଫୋରଣ ଘଟି ତିନି ଜଣ ପୁଲିସ୍ କର୍ମଚାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି । ଆହତ ଦୁଇ ଜଣ ପୁଲିସ୍ କର୍ମଚାରୀଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ଜଣାପଡ଼ିଛି । ପୁଲିସ୍ କର୍ମଚାରୀମାନଙ୍କୁ ନେଇ କାଲାଟ୍ ଜିଲ୍ଲାର ପ୍ରଶିକ୍ଷଣ କେନ୍ଦ୍ରକୁ ଏକ ପୁଲିସ୍ ବସ୍ ଯାଉଥିବା

ବେଳେ ତା ଉପରେ ଆଇ.ଇ.ଡି. ବିସ୍ଫୋରଣ କରାଯାଇଥିଲା । ବାଲୁଚିସ୍ତାନ ଥାନା ଅଞ୍ଚଳର ଏହି ପୁଲିସ୍ କର୍ମଚାରୀ ବୋଲି ସୂଚନା ମିଳିଛି । ଘଟଣାର ତଦନ୍ତ ଆରମ୍ଭ ହୋଇଛି । କୌଣସି ଗୋଷ୍ଠୀ ଏହି ବୋମା ବିସ୍ଫୋରଣ ଘଟଣା ପାଇଁ ନିଜକୁ ଦାୟି କରିନାହାନ୍ତି ।

## ମୁର୍ଶିଦାବାଦ-ଓ୍ୱାକଫ୍

ପଶ୍ଚିମବଙ୍ଗର ହିଂସାପ୍ରବଣ ମୁର୍ଶିଦାବାଦ ଅଞ୍ଚଳରେ ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଛି । ପୁଲିସ୍, କେନ୍ଦ୍ରୀୟ ବାହିନୀ ଏବଂ ଆର୍.ଏ.ଏଫ୍. ଜିଲ୍ଲାର ଉତ୍ତେଜନା ପ୍ରବଣ ଅଞ୍ଚଳରେ ପେଟ୍ରୋଲିଂ ଜାରି ରଖିଛନ୍ତି । ଦୋକାନ ବଜାର ଏବଂ ବ୍ୟବସାୟ ପ୍ରତିଷ୍ଠାନ ଧୀରେ ଧୀରେ ଖୋଲିବାରେ ଲାଗିଛି । ଇତିମଧ୍ୟରେ ପୁଲିସ୍ ଗତ ସପ୍ତାହରେ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିବା ଘଟଣାରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ୍ କହିଛନ୍ତି । ସମସେର୍‌ଗଞ୍ଜ, ସୁତି ଏବଂ ରଘୁନାଥଗଞ୍ଜ ଅଞ୍ଚଳରୁ ଏ ପର୍ଯ୍ୟନ୍ତ ୨୨୩ ଜଣଙ୍କୁ ଗିରଫ୍ କରାଯାଇଛି । ପୁଲିସ୍ ଏବଂ ପ୍ରଶାସନ ପକ୍ଷରୁ ଗୁଜବ ପ୍ରଚାର କରୁଥିବା ଅଭିଯୋଗରେ ୧ ହଜାର ୯୩ ଜଣଙ୍କ ସାମାଜିକ ଗଣମାଧ୍ୟମ ପ୍ରୋଫାଇଲ୍‌କୁ ବ୍ଲକ୍ କରାଯାଇଛି ।

# ପାକ୍-ହଜ୍

ସାଉଦିଆରବ ସରକାରଙ୍କ ସହ ବୁଝାମଣା ଏବଂ ଦେୟ ବ୍ୟବସ୍ଥାରେ ବିଳମ୍ବ କାରଣରୁ ଚଳିତ ବର୍ଷ ୬୭ ହଜାର ପାକିସ୍ତାନୀ ତୀର୍ଥ ଯାତ୍ରୀ ହଜ୍ ଯାତ୍ରାରୁ ବଞ୍ଚିତ ହୋଇଛନ୍ତି । ଚଳିତ ବର୍ଷ ସାଉଦି ଆରବ ପକ୍ଷରୁ ପାକିସ୍ତାନ ନାଗରିକଙ୍କ ପାଇଁ ୧ ଲକ୍ଷ ୭୯ ହଜାର ୨୧୦ କୋଟା ବ୍ୟବସ୍ଥା କରାଯାଇଥିଲା । ଘରୋଇ ଯୋଜନା ଅଧୀନରେ କେବଳ ୧୪ ହଜାର ଆବେଦନପତ୍ର ଗ୍ରହଣ କରାଯାଇଛି । ପାକିସ୍ତାନ ସରକାରଙ୍କ ଅନୁରୋଧ କ୍ରମେ ସାଉଦି ଆରବ ଅତିରିକ୍ତ ୧୦ ହଜାର କୋଟା ଅନୁମୋଦନ କରିଛନ୍ତି । ସମସ୍ତ ଆବେଦନକାରୀଙ୍କ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଛି । ଫଳରେ ୬୭ ହଜାର ପାକିସ୍ତାନୀ ତୀର୍ଥ ଯାତ୍ରୀ ହଜ୍ ଯାତ୍ରାରୁ ବଞ୍ଚିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ସେହେବାଜ୍ ସରିଫ୍ ଘଟଣାର ତୁରନ୍ତ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ମନସୁନ୍

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା

ସ୍ୱାଭାବିକ ଠାରୁ ଅଧିକ ରହିବାର ସମ୍ଭାବନା ରହିଛି । ନୂଆଦିଲ୍ଲୀ ଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦେଶର ଅଧିକାଂଶ ଭାଗରେ ସାଧାରଣ ଠାରୁ ଅଧିକ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି । କେବଳ ଉତ୍ତର ପୂର୍ବ, ଉତ୍ତର ପଶ୍ଚିମ ଏବଂ ଦକ୍ଷିଣ ଉପଦ୍ୱୀପ ଅଞ୍ଚଳରେ ସ୍ୱଭାବିକ ଠାରୁ କମ୍ ବର୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି ।

**V/O-MRITUNJAY-MAHAPATRA-IMD**

ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଗତବର୍ଷ ତୁଳନାରେ ଚଳିତ ବର୍ଷ ମେ ଏବଂ ଜୁନ୍ ମାସ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ଦ୍ୱିଗୁଣିତ ହେବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ସିରିଜ୍‌ରେ ଆଉ ଅଳ୍ପ ସମୟ ପରେ ଚଣ୍ଡିଗଡ଼ ଠାରେ ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍ ମଧ୍ୟରେ ମ୍ୟାଚ୍

ଖେଳାଯିବ । ଟସ୍ ଜିତି ପଞ୍ଜାବ କିଙ୍ଗସ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ହୋଇଛି । ଏ ପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚ୍ ମଧ୍ୟରୁ ଚେନ୍ନାଇ କ୍ରମାଗତ ୫ଟି ମ୍ୟାଚ୍‌ରେ ହାରିବା ପରେ ଗତକାଲି ବିଜୟ ହାସଲ କରିଥିଲା ।